ଓଡ଼ିଶା ସରକାର

ଓଡ଼ିଶା ବିଧାନ ସଭାରେ

୨୦୧୯-୨୦ ବର୍ଷର

ଲେଖାନୁଦାନ ଉପସ୍ଥାପନ ଅବସରରେ

**ଅର୍ଥ ମନ୍ତ୍ରୀ**

# ଶ୍ରୀଯୁକ୍ତ ଶଶିଭୂଷଣ ବେହେରାଙ୍କ

# ଅଭିଭାଷଣ

*୭ ଫେବୃଆରୀ, ୨୦୧୯*

**ମାନ୍ୟବର ବାଚସ୍ପତି ମହୋଦୟ !**

ଏହି ପବିତ୍ର ଗୃହରେ 2019-20 ଆର୍ଥିକ ବର୍ଷ ପାଇଁ କାମଚଳା ବଜେଟ୍ ଉପସ୍ଥାପନ କରିବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ । ମୁଁ ମାନ୍ୟବର ସଦସ୍ୟ ମାନଙ୍କୁ ସେମାନଙ୍କର ଅକୁଣ୍ଠ ସମର୍ଥନ ଓ ପୂର୍ଣ୍ଣପ୍ରାଣରେ ସହଯୋଗ ପାଇଁ ଧନ୍ୟବାଦ ଜ୍ଞାପନ କରୁଛି ।

2. ଓଡିଶାର ବାସ୍ତବ ସାମଗ୍ରୀକ ଘରୋଇ ଉତ୍ପାଦ 2018-19 ମସିହାରେ ଜାତୀୟ ଅଭିବୃଦ୍ଧିର ହାର ଶତକଡା 7.2 ଅତିକ୍ରମ କରି ଶତକାଡା 8.35 ହାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ବିଗତ 6 ବର୍ଷର ଜାତୀୟ ଆର୍ଥିକ ଅଭିବୃଦ୍ଧିର ହାର ହାରାହାରି ଶତକଡା 7.1 ପ୍ରତିଶତ ରହିଥିବା ବେଳେ ଓଡିଶାର ହାରାହାରି ଅଭିବୃଦ୍ଧିର ହାର ଶତକଡା 8 ପ୍ରତିଶତ ଠାରୁ ଅଧିକ ଅଟେ ଯାହାକି ରାଜ୍ୟର ବଳିଷ୍ଠ ଅର୍ଥନୀତିର ପରିଚାୟକ । ବିଶ୍ୱ ଓ ରାଷ୍ଟ୍ରିୟ ଅର୍ଥନୀତି ଅଭିବୃଦ୍ଧିର ଏହି ଧାରା ଅବ୍ୟାହତ ରହିଲେ, ରାଜ୍ୟ ଅର୍ଥନୀତି 2019-20 ମସିହାରେ ଶତକଡା 8 ରୁ 8.5 ପ୍ରତିଶତକୁ ବୃଦ୍ଧି ହେବାର ଆଶାକରାଯାଉଛି ।

3. ଆମର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଓଡିଶା ସାମଗ୍ରୀକ ବିକାଶ ଭଳି ଏକ ପ୍ରଗତିଶୀଳ ଢାଞ୍ଚାରେ କାର୍ଯ୍ୟ କରୁଛି । ଯଦିଓ ଉଚ୍ଚତର ଆର୍ଥିକ ଅଭିବୃଦ୍ଧି ଆମର ମୁଖ୍ୟ ଲକ୍ଷ୍ୟ ଅଟେ, ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଏହି ଅଭିବୃଦ୍ଧିରେ ସମସ୍ତେ ଅଂଶୀଦାର ହୁଅନ୍ତୁ । ରାଜ୍ୟର ପ୍ରଗତି ସହିତ ଦୃତଗତିରେ ଦାରିଦ୍ର୍ୟ ଓ ଆଞ୍ଚଳିକ ବୈଷମ୍ୟତା ହ୍ରାସ ଘଟୁଛି । ଏହି ଅଭିବୃଦ୍ଧିରେ ସମାଜର ଦୁର୍ବଳ ଓ ଅବହେଳିତ ବର୍ଗ ଅଂଶ ଗ୍ରହଣ କରିବାହେତୁ ସେମାନଙ୍କର ଜୀବିକା ଓ ଜୀବନର ମାନବୃଦ୍ଧି ହୋଇଛି ।

4. ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପୁଞ୍ଜି ଲଗାଣ, ଅର୍ଥନୀତିର ଦୃତ, ପୋଷଣୀୟ ଓ ସାମଗ୍ରୀକ ଅଭିବୃଦ୍ଧିକୁ ବଜାୟ ରଖିବାରେ ସହାୟକ ହୋଇଥାଏ । କୃଷି ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି, ଜଳସେଚନର ସମ୍ପ୍ରସାରଣ, ସ୍ୱାସ୍ଥ୍ୟସେବାର ଉନ୍ନତିକରଣ, ଜନସାଧାରଣଙ୍କର ଶିକ୍ଷା ଓ ଦକ୍ଷତାର ବିକାଶ, ଯୁବକ ମାନଙ୍କପାଇଁ ଅର୍ଥ ବିନିଯୋଗ, ଜନତାଙ୍କପାଇଁ ଶୁଦ୍ଧ ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ଉନ୍ନତମାନର ଜୀବିକା ଓ ଜୀବନର ସୁଯୋଗ ପ୍ରଦାନ, ସାମାଜିକ ନିରାପତ୍ତା, ବିଦ୍ୟୁତ ଓ ଗ୍ରାମ୍ୟ ସଡକର ସଂଯୋଗୀକରଣ କ୍ଷେତ୍ରରେ ଆମର ପ୍ରୟାସ ଜାରି ରହିଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଉତ୍ପାଦନ ଓ ସେବା ଶିଳ୍ପକୁ ଆକର୍ଷିତ କରିବାପାଇଁ ରାଜ୍ୟ ସରକାର ରାଜ୍ୟ ଭିତ୍ତିଭୂମିର ବିକାଶ ନିମନ୍ତେ ଯଥେଷ୍ଟ ପୁଞ୍ଜି ବିନିଯୋଗ କରୁଛନ୍ତି । ଉପଭୋକ୍ତା ମାନଙ୍କପାଇଁ ଉତ୍ତମ ସେବା ସୁନିଶ୍ଚିତ କରିବା ନିମନ୍ତେ **3T – Teamwork, Transparency & Technology** ଅର୍ଥାତ୍ ସଂଘବଦ୍ଧ କାର୍ଯ୍ୟ, ସ୍ୱଚ୍ଛତା ଓ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଦ୍ୱାରା ସୁଶାସନକୁ ସୁନିଶ୍ଚିତ କରି ହିତାଧିକାରୀ ମାନଙ୍କୁ ଫଳପ୍ରଦ ଓ ଦକ୍ଷ ସେବା ପ୍ରଦାନ କରାଯାଇଛି । ଏହା ନିଃସନ୍ଦେହ ଯେ ଆମେ ଏ ଦିଗରେ ଯଥେଷ୍ଟ ସଫଳତା ହାସଲ କରିଅଛୁ ।

5. ବିତ୍ତିୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ନିୟମ ସୀମା ମଧ୍ୟରେ ରହି ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅଧିକ ଅର୍ଥ ବିନିଯୋଗ କରିବା ପାଇଁ ଆମର ସମ୍ବଳର ଆବଶ୍ୟକତା ରହିଛି । ବିଗତ 14 ବର୍ଷରେ ରାଜ୍ୟର ନିଜସ୍ୱ ଆୟ ସାମଗ୍ରୀକ ଘରୋଇ ଉତ୍ପାଦର ପ୍ରତିଶତ ହିସାବର ପ୍ରାୟ ଦ୍ୱିଗୁଣିତ ହୋଇଛି । ଲଗାତାର ଭାବରେ 2005-06 ବର୍ଷଠାରୁ ଆମ ରାଜ୍ୟ ରାଜସ୍ୱ ବଳକା ରାଜ୍ୟ ଭାବରେ ପରିଗଣିତ ହୋଇଛି ଏବଂ ଆହରଣ କରାଯାଇଥିବା

ଋଣକୁ ସମ୍ପୂର୍ଣ୍ଣ ଭାବେ ପୁଞ୍ଜିବ୍ୟୟରେ ବିନିଯୋଗ କରାଯାଇପାରୁଛି । ରାଜସ୍ୱ ଆଦାୟରେ ବୃଦ୍ଧି ଓ ଖର୍ଚ୍ଚକୁ ସୁବ୍ୟବସ୍ଥିତ କରାଯିବାଦ୍ୱାରା ପୁଞ୍ଜି ବ୍ୟୟ ନିମନ୍ତେ ଆବଶ୍ୟକ ସମ୍ବଳ ଯୋଗାଡ କରାଯାଇ ପାରିଛି । ସିମୀତ ସମ୍ବଳ ସତ୍ତ୍ୱେ ଅନେକ କ୍ଷେତ୍ରରେ ଆମେ ସଫଳତା ହାସଲ କରିଛୁ କିନ୍ତୁ ଆମର ଆବଶ୍ୟକତା ତଥାପି ଅଧିକ ଅଟେ ।

6. ଜନସାଧାରଣଙ୍କର ଆକାଂକ୍ଷା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ନେତୃତ୍ୱାଧୀନ ଲୋକପ୍ରିୟ ସରକାର ରାଜ୍ୟର ଦରିଦ୍ର ଓ ଅବହେଳିତ ବର୍ଗର ଜନତାଙ୍କର ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ପାଇଁ ଅଙ୍ଗୀକାରବଦ୍ଧ ।

**କୃଷି ଓ କୃଷକ କଲ୍ୟାଣ**

ସମଗ୍ର ଦେଶରେ ସବୁଠାରୁ ଦ୍ରୁତ ଗତିରେ ଦାରିଦ୍ର୍ୟ ଦୂରୀକରଣ ଓଡିଶାରେ ସମ୍ଭବ ହୋଇଛି । ବିଗତ ଏକ ଦଶନ୍ଧିରୁ କମ୍ ସମୟ ମଧ୍ୟରେ 80 ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଆସିପାରିଛନ୍ତି । ଜନସଂଖ୍ୟାର 50 ପ୍ରତିଶତ କୃଷି ଉପରେ ନିର୍ଭରଶୀଳ । ଭାରତରେ ସର୍ବାଧିକ 5 ଟି କୃଷି କର୍ମଣ ପୁରସ୍କାର ପାଇବାରେ ସଫଳ ଆମ ରାଜ୍ୟ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବାରେ ସମର୍ଥ ହୋଇଛି । ଆମେ 2014 ରେ ଅତିରିକ୍ତ 10 ଲକ୍ଷ ହେକ୍ଟର ଜମିରେ ଜଳସେଚନ ନିମନ୍ତେ ପ୍ରତିଶ୍ରୁତି ବଦ୍ଧ ହୋଇଥିଲୁ ଓ ଆମେ ଆମର ଲକ୍ଷ୍ୟର ନିକଟବର୍ତ୍ତୀ । ଏହି ଲକ୍ଷ୍ୟ ଏପ୍ରିଲ 2019 ସୁଦ୍ଧା ହାସଲ କରାଯିବ ।

ରାଜ୍ୟରେ କୃଷିର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଦାରିଦ୍ର୍ୟ ହ୍ରାସ କରିବା ପାଇଁ ରାଜ୍ୟ ସରକାର **"କାଳିଆ"** (Krushak Assistance for Livelihood and Income Augmentation) ନାମକ ଏକ ଐତିହାସିକ ଯୋଜନା ପ୍ରବର୍ତ୍ତନ କରିଛନ୍ତି । ସ୍ୱଭାବ କବି ଗଙ୍ଗାଧର ମେହେର କୃଷିର ପ୍ରଶଂସା କରି ଗାଇ ଉଠିଛନ୍ତି "କୃଷି କଲେ ଉନ୍ନତ ସକଳ ଉନ୍ନତି । କୃଷି ବିନା ନା କନ୍ଥା ନା ପନ୍ଥା କାହିଁ ବା ଅନ୍ୟ ଗତି ହେ ।"

କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ 5 ଟି କୃଷି ଋତୁରେ ପରିବାର ପିଛା ସର୍ବମୋଟ 25 ହଜାର ଟଙ୍କାର ଅନୁଦାନ ଏହି ଯୋଜନାର ପ୍ରଥମ ଉପାଦାନ ଏବଂ ଏହା କାର୍ଯ୍ୟକାରୀ ହୋଇସାରିଛି । ଏହି ସହାୟତାକୁ ବର୍ଷର ଦୁଇଟି କୃଷି ଋତୁ ଯଥା ଖରିଫ୍ ଓ ରବି ନିମନ୍ତେ ପ୍ରତ୍ୟେକ ବର୍ଷ ଅକ୍ଷୟ ତୃତୀୟା ଓ ନୂଆଖାଇ ଦିନ ଯୋଗାଇ ଦିଆଯିବ ।

ରାଜ୍ୟ ସରକାର ଏହି ଯୋଜନାରେ 50 ଲକ୍ଷ କୃଷକ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶୃତି ବଦ୍ଧ । ଭାଗଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ କୃଷି ଉପରେ ନିର୍ଭରଶୀଳ 92 ପ୍ରତିଶତ ପରିବାରଙ୍କୁ ଯୋଜନାର ପରିସରଭୁକ୍ତ କରାଯାଇ ପାରିଛି । କୃଷି ଅର୍ଥନୀତିରେ 10 ହଜାର କୋଟିରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ ଗ୍ରାମାଞ୍ଚଳ ସମୃଦ୍ଧିର ମାର୍ଗଦର୍ଶକ ହେବ । ପୁନଶ୍ଚ "କାଳିଆ" ଉପଭୋକ୍ତା ମାନଙ୍କର ପିଲାମାନଙ୍କୁ ସରକାରୀ ମହାବିଦ୍ୟାଳୟ ଗୁଡ଼ିକରେ ପେଶାଗତ ଶିକ୍ଷା ଯଥା ଡାକ୍ତରୀ, ଇଞ୍ଜିନିୟରିଙ୍ଗ୍, କୃଷି ବିଜ୍ଞାନ, ନର୍ସିଂ ଓ ଅନ୍ୟାନ୍ୟ ବୈଷୟିକ

ଶିକ୍ଷା ନିମନ୍ତେ ସହାୟତା ପ୍ରଦାନ ପାଇଁ କାଳିଆ ବୃତ୍ତି ଘୋଷଣା କରାଯାଇଛି । ଆମ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଭାଷାରେ, "ଆପଣମାନଙ୍କ ପିଲାମାନଙ୍କୁ ଭଲ ପାଠ ପଢାନ୍ତୁ । ସେମାନଙ୍କ ଉଚିତ ଶିକ୍ଷାର ଦାୟିତ୍ୱ ରାଜ୍ୟ ସରକାରଙ୍କର ।"

**ଖାଦ୍ୟ ନିରାପତ୍ତା**

ଆମ ରାଜ୍ୟର ପ୍ରତ୍ୟେକ ଅଭାବୀ ଲୋକଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇବାର ଆଭିମୁଖ୍ୟ ରଖି ଆମେ ସମ୍ପୂର୍ଣ୍ଣ ନିଜସ୍ୱ ବ୍ୟୟରେ ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନା ପ୍ରଚଳନ କରିଛୁ, ଯେଉଁଥିରେ କି 23 ଲକ୍ଷରୁ ଉର୍ଦ୍ଧ୍ୱ ଅତିରିକ୍ତ ହିତାଧିକାରୀଙ୍କୁ ତାଲିକାଭୁକ୍ତ କରି କିଲୋ ପିଛା 1 ଟଙ୍କା ଦରରେ 5 କିଲୋ ଚାଉଳ ପ୍ରତି ମାସରେ ଦିଆଯାଉଛି । କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ଅଧିନରେ ବହୁଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଅନିଚ୍ଛା ପ୍ରକାଶ କରିବାରୁ ରାଜ୍ୟ ସରକାର ଏହି ଯୋଜନା ପ୍ରଚଳନ କରିଛନ୍ତି । ରାଜ୍ୟ ସରକାର କିଲୋ ପିଛା 1 ଟଙ୍କାରେ ଚାଉଳ ଯୋଗାଇ ଦେବା ନିମନ୍ତେ 1 ହଜାର 28 କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

ଏହି କାର୍ଯ୍ୟକ୍ରମ ଆରମ୍ଭରେ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ହିତାଧିକାରୀମାନଙ୍କୁ ପ୍ରତିଶୃତି ଦେଇ କହିଥିଲେ ଜଣେ ବି ଗରିବ ଲୋକକୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବାକୁ ମୁଁ ଦେବି ନାହିଁ । ମୁଖ୍ୟମନ୍ତ୍ରୀଙ୍କର ଏହି ନିର୍ଦ୍ଦେଶକୁ ଦୃଷ୍ଟିରେରଖି ପ୍ରଶାସନ ଏ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରୁଛି ।

## ସାମାଜିକ ନିରାପତ୍ତା ବ୍ୟବସ୍ଥା

ଗୁରୁଜନ ମାନଙ୍କର ସେବା ଓ ଅସହାୟ ମାନଙ୍କର ଯତ୍ନ ନେବା ଆମର ମହାନ ପରମ୍ପରା । ଆମ ସରକାର ରାଜ୍ୟର ଦୁର୍ବଳ ଓ ଅବହେଳିତ ବର୍ଗର ଅଭାବ ଓ ଆବଶ୍ୟକତା ପାଇଁ ସମ୍ବେଦନଶୀଳ ଅଟନ୍ତି ଏବଂ ମଧୁବାବୁ ପେନସନ ଯୋଜନା ମାଧ୍ୟମରେ ସାମାଜିକ ନିରାପତ୍ତା ପେନ୍‌ସନକୁ ସାର୍ବଜନୀନ କରି 48 ଲକ୍ଷ ଜନସାଧାରଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଯଦିଓ, କେନ୍ଦ୍ର ସରକାର 20 ଲକ୍ଷ ହିତାଧିକାରୀଙ୍କ ପାଇଁ ମାସକୁ 2 ଶହ ଟଙ୍କା ହିସାବରେ ପେନସନ ଯୋଗାଉଛନ୍ତି, ଆମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ  ସମସ୍ତ ହିତାଧିକାରୀଙ୍କୁ ମାସିକ 5 ଶହ ଟଙ୍କା ଏବଂ 80 ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ମାସିକ 7 ଶହ ଟଙ୍କା ଲେଖାଏଁ ପେନସନ ପ୍ରଦାନ କରିବାକୁ ସ୍ଥିର କରିଛନ୍ତି ।

ରାଜ୍ୟର 30ଟି ଜିଲ୍ଲାର ପୌରାଞ୍ଚଳର 118 ଗୋଟି ଆହାର କେନ୍ଦ୍ରରେ ଅଭାବୀ ଲୋକମାନଙ୍କୁ ସ୍ୱାସ୍ଥ୍ୟକର ଓ ପୁଷ୍ଟିକର ରନ୍ଧା ଖାଦ୍ୟ ସୁଲଭ ମୂଲ୍ୟରେ ଯୋଗାଇ ଦେବା ପାଇଁ ସରକାରଙ୍କ "ଆହାର" ଯୋଜନା ଜାରି ରହିବ । ଏହି ଯୋଜନାରେ 31 ଡିସେମ୍ବର 2018 ମସିହା ଠାରୁ ହାସପାତାଲ ନିକଟବର୍ତ୍ତୀ 56 ଗୋଟି ଆହାର କେନ୍ଦ୍ରରେ ରାତ୍ରିରେ ମଧ୍ୟ ଖାଦ୍ୟ ଯୋଗାଇ ଦିଆଯାଉଛି ।

ଆମ ସରକାର ଗରିବ ଓ ଅଭାବୀ ଲୋକମାନଙ୍କୁ ତାଙ୍କର ସମ୍ପର୍କୀୟ ମାନଙ୍କର ଶେଷକୃତ୍ୟ ସମାପନ କରିବା ପାଇଁ ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ଗ୍ରାମ ପଞ୍ଚାୟତ ମାଧ୍ୟମରେ ଗ୍ରାମାଞ୍ଚଳରେ ଏବଂ ସ୍ଥାନୀୟ ନିକାୟ

ସଂସ୍ଥା ମାଧ୍ୟମରେ ସହରାଞ୍ଚଳରେ ଯଥାକ୍ରମେ 2 ହଜାର  ଟଙ୍କା ଓ 3 ହଜାର ଟଙ୍କା ପ୍ରଦାନ କରୁଛନ୍ତି ।

**ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସେବା**

ସାର୍ବଜନୀନ ସ୍ୱାସ୍ଥ୍ୟସେବା ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଅଟେ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ସାମଗ୍ରିକ, ସୁନିଶ୍ଚିତ ଓ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଉପକେନ୍ଦ୍ର ଠାରୁ  ଆରମ୍ଭକରି ଭେଷଜ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯୋଗାଇ ଦିଆଯାଉଛି । କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା 5 ଲକ୍ଷ ଟଙ୍କା ସହାୟତା ଯୋଗାଇ ଦେଉଥିବା ବେଳେ ଆମ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ମହିଳା ହିତାଧିକାରୀ ମାନଙ୍କୁ 7 ଲକ୍ଷ ଟଙ୍କା ଯୋଗାଇ ଦେଉଛନ୍ତି । ଆମର ଲକ୍ଷ୍ୟ- 'ସୁସ୍ଥ ଓଡ଼ିଶା ସୁଖି ଓଡ଼ିଶା' ।

ଆମ ସରକାର 3 ଗୋଟି ସରକାରୀ ଭେଷଜ ମହାବିଦ୍ୟାଳୟର (Government Medical College) ସିଟ୍ ସଂଖ୍ୟା ବୃଦ୍ଧି କରିବା ସହିତ 4 ଗୋଟି ନୂତନ ସରକାରୀ ଭେଷଜ ମହାବିଦ୍ୟାଳୟ ସ୍ଥାପନା କରିଛନ୍ତି । ଏହାଛଡା ଆଗାମୀ ଦିନମାନଙ୍କରେ ରାଜ୍ୟର ବିଭିନ୍ନ ଅଞ୍ଚଳମାନଙ୍କରେ ଆଉ 5 ଗୋଟି ନୂତନ ସରକାରୀ ଭେଷଜ ମହାବିଦ୍ୟାଳୟ ସ୍ଥାପନ କରିବାର ଯୋଜନା ରହିଛି ।

**ମହିଳା ସଶକ୍ତିକରଣ**

ରାଜ୍ୟ ସରକାର ମହିଳାମାନଙ୍କର ସଶକ୍ତିକରଣ ପାଇଁ ପ୍ରଚଳନ କରିଥିବା ମିଶନ ଶକ୍ତି ଯୋଜନା ମାଧ୍ୟମରେ ପାଖାପାଖି 3 ଲକ୍ଷ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଭିନ୍ନ କାର୍ଯ୍ୟ ପାଇଁ 15 ହଜାର ଟଙ୍କା ଲେଖାଏଁ ମୂଳଧନ ଯୋଗାଇ ଦେଇଛନ୍ତି । ସ୍ୱୟଂ ସହାୟକ  ଗୋଷ୍ଠୀଗୁଡିକର ମଣ୍ଡଳ ମହାସଂଘକୁ 25 ଲକ୍ଷ ଟଙ୍କା ଲେଖାଏଁ Revolving Fund ଯୋଗାଇ ଦିଆଯାଇଛି । ପ୍ରଯୁକ୍ତି ବିଦ୍ୟାରେ ମହିଳାମାନଙ୍କୁ ସଶକ୍ତ କରିବାପାଇଁ ବଜାରରୁ ସେମାନଙ୍କର ପସନ୍ଦ ମୁତାବକ Smart Phone କ୍ରୟ କରିବା ନିମିତ୍ତ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ 3 ହଜାର ଟଙ୍କା ଲେଖାଏଁ ଯୋଗାଇ ଦିଆଯାଇଛି । ଆମର ସ୍ୱୟଂ ସହାୟକ ଗୋଷ୍ଠୀମାନେ ଏବେ ବିନା ସୁଧରେ ମିଶନ ଶକ୍ତି ଋଣ ପାଇପାରିବେ । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କ ପାଇଁ ଆମ ଗାଁ ଆମ ବିକାଶ ଯୋଜନା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରେ ମିଶନ ଶକ୍ତି ଗୃହ ଯୋଗାଇବା ପାଇଁ ଯୋଜନା କରାଯାଇଛି । ଆମର ବିଶ୍ୱାସ, "କୌଣସି ପରିବାର, କୌଣସି ସମାଜ, କୌଣସି ରାଜ୍ୟ ଓ କୌଣସି ଦେଶ ମହିଳା ସଶକ୍ତିକରଣ ବିନା କେବେବି ଆଗକୁ ବଢି ପାରିନାହିଁ " ।

ସରକାରଙ୍କର ଅନ୍ୟ ଏକ ପ୍ରମୁଖ ଯୋଜନା "ମମତା" ମାଧ୍ୟମରେ ଗର୍ଭବତୀ ଓ ପ୍ରସୂତୀ ମାଆ ମାନଙ୍କୁ ସର୍ତ୍ତମୂଳକ ଅର୍ଥ ହସ୍ତାନ୍ତର ପ୍ରକ୍ରିୟାରେ ହିତାଧୀକାରୀଙ୍କ ସଂଖ୍ୟା 35.69 ଲକ୍ଷକୁ ବୃଦ୍ଧି କରାଯାଇଛି ଓ ଏ ବାବଦକୁ 1 ହଜାର 6 ଶହ 55 କୋଟି ଟଙ୍କା ବିନିଯୋଗ ହୋଇଛି ।

## ଜନଜାତିର ବିକାଶ

ସାମାଜିକ ବିକାଶରେ ଶିକ୍ଷାର ଭୂମିକାକୁ ବିଚାରକୁନେଇ ଆମ ସରକାର ପ୍ରତ୍ୟେକ ଆଦିବାସୀ ପିଲାମାନଙ୍କ ନିମନ୍ତେ ଭବିଷ୍ୟତର ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହେବା ପାଇଁ ସର୍ବୋତ୍କୃଷ୍ଟ ଶିକ୍ଷା ସୁନିଶ୍ଚିତ କରିବାର ପ୍ରୟାସ ଜାରି ରଖିଛନ୍ତି । ପ୍ରାୟ 6 ଲକ୍ଷ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଙ୍କ ନିମନ୍ତେ 4 ହଜାର 3 ଶହ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି ଓ 6 ହଜାର 4 ଶହ ରୁ ଊର୍ଦ୍ଧ୍ୱ ଛାତ୍ରାବାସ ମାଧ୍ୟମରେ ସେମାନଙ୍କ ପାଇଁ ମାଗଣା ରହିବା ଓ ଖାଇବାର ସୁବନ୍ଦୋବସ୍ତ କରାଯାଇଛି । ଅନୁସୂଚିତ ଜାତି ଓ ଜନଜାତିର ଛାତ୍ର ତଥା ଅନ୍ତେବାସୀ ଛାତ୍ରମାନଙ୍କର Pre-Matric ଛାତ୍ରବୃତ୍ତିର ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି ।

## ଯୁବଗୋଷ୍ଠୀଙ୍କ ପାଇଁ କାର୍ଯ୍ୟକ୍ରମ

ଯୁବବର୍ଗଙ୍କ ମଧ୍ୟରେ ନେତୃତ୍ୱ ଓ ସ୍ୱେଚ୍ଛାକୃତ ସେବା ମନୋବୃତ୍ତିକୁ ଉତ୍ସାହିତ କରିବା, କ୍ରୀଡା ଓ ଖେଳୱାର୍ଡ ମନୋବୃତ୍ତିର ବିକାଶ, ସ୍ୱାସ୍ଥ୍ୟମୟ ଜୀବନ ଯାପନ, ଉତ୍ସାହୀ ଯୁବଗୋଷ୍ଠୀର ଏକତ୍ରୀକରଣ ପାଇଁ ମଞ୍ଚ ସୃଷ୍ଟି ଓ ଯୁବଗୋଷ୍ଠୀଙ୍କ  ମଧ୍ୟରେ ସମନ୍ୱୟ ନିମନ୍ତେ ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମ ମାଧ୍ୟମରେ 2 ଲକ୍ଷ 60 ହଜାର ପଞ୍ଜିକୃତ ସ୍ୱେଚ୍ଛାସେବୀଙ୍କୁ ନେଇ 7 ହଜାର 4 ଶହ 26 ଟି ବିଜୁ ଯୁବ ବାହିନୀ ଗଠନ କରାଯାଇଛି ।

ସେମାନେ ଗତ ତିତିଲି ବାତ୍ୟା, ଚାରା ରୋପଣ, ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଓ ସ୍ୱେଚ୍ଛାକୃତ ସେବା ପ୍ରଦାନ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ସାହସ ଓ ପ୍ରତିବଦ୍ଧତାର ପ୍ରଦର୍ଶନ କରିଛନ୍ତି ।

**ଶିକ୍ଷା**

ଗ୍ରାମାଞ୍ଚଳରେ ଛାତ୍ର ମାନଙ୍କୁ ଉଚ୍ଚ ମାନର ଇଂରାଜୀ ଭାଷା ମାଧ୍ୟମରେ ଶିକ୍ଷା ପ୍ରଦାନ ନିମନ୍ତେ ପ୍ରତ୍ୟେକ ପଞ୍ଚାୟତ ସମିତିରେ ଗୋଟିଏ ଲେଖାଏଁ ଓଡିଶା ଆଦର୍ଶ ବିଦ୍ୟାଳୟ ଉପଲବ୍ଧ କରାଇବା ଲକ୍ଷ୍ୟରଖି 28ଟି ଜିଲ୍ଲାରେ 190ଟି ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଓ ସ୍କୁଲ ପୋଷାକ ସଙ୍ଗେସଙ୍ଗେ ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଗଣା ସାଇକେଲ ଯୋଗାଇ ଦିଆଯାଉଛି । Pre ଓ Post-matric ଛାତ୍ରବୃତ୍ତି ସହିତ ରାଜ୍ୟ ସରକାର ମେଧାବୀ ଛାତ୍ର ଓ ଉଚ୍ଚମାନର ବିଦ୍ୟାଳୟପାଇଁ ତିନୋଟି ନୂତନ ପୁରସ୍କାର ଯଥା : ମୁଖ୍ୟମନ୍ତ୍ରୀ ମେଧା ବୃତ୍ତି, ଓଡିଆ ଭାଷା ବୃତ୍ତି ଏବଂ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ପ୍ରଚଳନ କରିଛନ୍ତି । ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ବହୁ ସଂଖ୍ୟକ ପଦବୀ ସୃଷ୍ଟି ଓ ପୁରଣ କରାଯାଇଛି ଏବଂ ଭିତ୍ତିଭୂମିର ଉନ୍ନୟନ ପର୍ଯ୍ୟାୟକ୍ରମେ କରାଯାଉଛି । ଗୁଣାତ୍ମକ ଶିକ୍ଷାର ବିକାଶପାଇଁ ଆମେ 8ଟି ଆଦର୍ଶ Degree ସ୍ତରୀୟ ମହାବିଦ୍ୟାଳୟ ଶିକ୍ଷାଦୃଷ୍ଟିରୁ ଅନଗ୍ରସର ଜିଲ୍ଲାମାନଙ୍କରେ ପ୍ରତିଷ୍ଠା କରିଛୁ ଏବଂ ଆଉ 6 ଟି Degree ସ୍ତରୀୟ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାର ଯୋଜନା ଅଛି । ବିଗତ 6 ବର୍ଷ ମଧ୍ୟରେ ବିଜୁ ଯୁବ ସଶକ୍ତିକରଣ ଯୋଜନାରେ 90 ହଜାର Laptop ବିତରଣ କରାଯାଇଛି ।

**କୁଶଳୀ ଓଡିଶା**

ରାଜ୍ୟରେ ବିଶ୍ୱସ୍ତରୀୟ ପ୍ରତିଯୋଗୀ ତଥା ଉଚ୍ଚ ତାଲିମପ୍ରାପ୍ତ କୁଶଳୀ ଶ୍ରମଶକ୍ତି ସୃଷ୍ଟି କରିବା ନିମନ୍ତେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ପ୍ରତିଷ୍ଠା

କରାଯାଇଅଛି । ସମ୍ମିଳିତ ଉଦ୍ୟମର ଫଳସ୍ୱରୂପ ଆମ ଓଡ଼ିଶାର ଦକ୍ଷ ଓ କୁଶଳୀ ଯୁବବର୍ଗ ବିଭିନ୍ନ ଦକ୍ଷତା ବିକାଶ ପ୍ରତିଯୋଗିତାରେ ଭାଗନେଇ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମାନ ଅର୍ଜନ କରିଛନ୍ତି । Asian Development Bank ର ସହାୟତାରେ ଗୋଟିଏ ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ITI/ Polytechnics ଗୁଡିକର ଉନ୍ନତିକରଣ ତଥା ଉଚ୍ଚମାନର ଦକ୍ଷତା ତାଲିମ କେନ୍ଦ୍ର ପ୍ରତିଷ୍ଠା ପାଇଁ ଯୋଜନା କରାଯାଇଛି ।

**କ୍ରୀଡାର ବିକାଶ**

ନିକଟରେ ଓଡିଶା ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରି ଏକ ପ୍ରମୁଖ କ୍ରୀଡାକେନ୍ଦ୍ର ଭାବେ ପରିଚୟ ଲାଭ କରିଛି । 2018 ମସିହାରେ ଆୟୋଜିତ ଓଡ଼ିଶା ପୁରୁଷ ବିଶ୍ୱ କପ୍ ହକି, ବିଶ୍ୱ କପ୍ ହକି ଆୟୋଜନ ଇତିହାସରେ ଏକ ସର୍ବୋତ୍ତମ ଆୟୋଜନ ବୋଲି ବିଶ୍ୱରେ ଆଦୃତ ହୋଇଛି ।

ପ୍ରତ୍ୟେକ ଜିଲ୍ଲାରେ ସମସ୍ତ ସୁବିଧାର ଏକୀକରଣ କରାଯାଇ Sports Complex ନିର୍ମାଣ କରିବାପାଇଁ ଯୋଜନା କରାଯାଇଛି । କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ଓ ଜୟପୁର ଭଳି ପ୍ରମୁଖ ସହର ମାନଙ୍କରେ ବିଶ୍ୱସ୍ତରୀୟ Satellite Stadium ନିର୍ମାଣ କରାଯିବ । ହକିର ଏନ୍ତୁଡ଼ିଶାଳ ସୁନ୍ଦରଗଡ ଜିଲ୍ଲାର 17ଟି ବ୍ଲକରେ କୃତ୍ରିମ ଘାସ ହକି ପଡିଆ ନିର୍ମାଣ କରିବାପାଇଁ ଯୋଜନା ରହିଛି ।

## ଗ୍ରାମ୍ୟ ଉନ୍ନୟନ

ଆମ ସରକାର ଗ୍ରାମୀଣ ଆବାସ ଯୋଜନା ମାଧ୍ୟମରେ 20 ଲକ୍ଷ ପକ୍କା ଘର ଯୋଗାଇ ଦେଇଛନ୍ତି ଏବଂ ଆମେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଗ୍ରାମାଞ୍ଚଳର ସମସ୍ତ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବାପାଇଁ ପ୍ରତିଶୃତିବଦ୍ଧ । "ବସୁଧା" ଯୋଜନା ମାଧ୍ୟମରେ ପ୍ରତ୍ୟେକ ଜନବସତି ନିମନ୍ତେ ସ୍ୱଚ୍ଛ ପାନୀୟ ଜଳ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦେବାକୁ ଆମ ସରକାର ଅଙ୍ଗୀକାରବଦ୍ଧ ।

ପ୍ରଶାସନ ସହିତ ଜନସାଧାରଣଙ୍କର ଯୋଗସୂତ୍ର ସ୍ଥାପନ କରିବାପାଇଁ "ଆମ ଗାଁ ଆମ ବିକାଶ" ନାମକ ଏକ ଅଭିନବ ଯୋଜନା ମାଧ୍ୟମରେ ଆମେ ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତ ମାନଙ୍କୁ ଅନ୍ତର୍ଭୁକ୍ତ କରିପାରିଛୁ ଓ ଏଥିନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଗ୍ରାମବାସୀମାନଙ୍କ ସଙ୍ଗେ Video Conferencing ମାଧ୍ୟମରେ ସିଧାସଳଖ ଆଲୋଚନା କରି 1 ହଜାର 5 ଶହ 54 କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି । ଜନସାଧାରଣଙ୍କୁ ସରକାରଙ୍କର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ସଚେତନ କରିବା ସହିତ ବିଭିନ୍ନ ଯୋଜନାର ଯୋଗ୍ୟ ହିତାଧିକାରୀ ମାନଙ୍କୁ ସେମାନଙ୍କର ପ୍ରାପ୍ୟ ସୁନିଶ୍ଚିତ କରିବାପାଇଁ "ପିଠା" (PEETHA) ଏକ ଅଭିନବ ପ୍ରୟାସ ।  ଏହି ଦୁଇଟି ଯୋଜନା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର 3-T ମନ୍ତ୍ର ପ୍ରତି ଆମର ପ୍ରତିବଦ୍ଧତାର ବଳିଷ୍ଠ ଉଦାହରଣ ।

**ଜଳସେଚନର ସଂପ୍ରସାରଣ**

ରାଜ୍ୟର ଅର୍ଥନୈତିକ ପ୍ରଗତି, ଦାରିଦ୍ର୍ୟ ନିରାକରଣ ଓ କୃଷକର ବିକାଶରେ ଜଳସେଚନର ପ୍ରମୁଖ ଭୂମିକା ରହିଛି । ରାଜ୍ୟର ଜଳସମ୍ପଦର ଉପଯୁକ୍ତ ବିନିଯୋଗକରି ରାଜ୍ୟକୁ ମରୁଡିମୁକ୍ତ କରିବାପାଇଁ ଆମର ଲକ୍ଷ୍ୟ ରହିଛି । ଆପଣମାନେ ଜାଣି ଖୁସି ହେବେ ଯେ, ଆମେ ଏପ୍ରିଲ 2019 ମସିହା ସୁଦ୍ଧା ଅତିରିକ୍ତ 10 ଲକ୍ଷ ହେକ୍ଟର ଜମିରେ ଜଳ ସେଚନ ସୁବିଧା ପହଞ୍ଚାଇବା ପାଇଁ ଦ୍ରୁତ ଗତିରେ ଅଗ୍ରସର ହେଉଛୁ । ଆମ୍ଭେମାନେ 5 ଟି ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଯଥା ରୁକୁରା, ଉପର ଇନ୍ଦ୍ରାବତୀ ସଂପ୍ରସାରଣ, ରେତ ପ୍ରକଳ୍ପ, ଟିଟିଲାଗଡ ଜଳସେଚନ ଏବଂ ତେଲେଙ୍ଗିରି ଜଳ ସେଚନ ପ୍ରକଳ୍ପ, 67ଟି ସର୍ବବୃହତ ଉଠା ଜଳସେଚନ ପ୍ରକଳ୍ପ (Mega Lift Irrigation Project) ସଂପୂର୍ଣ୍ଣ କରିଛୁ, 53 ହଜାର 9 ଶହ 92 ଟି ଗଭୀର ନଳକୂପର ବିଦ୍ୟୁତୀକରଣକରି କୃଷକଙ୍କୁ ହସ୍ତାନ୍ତର କରିଛୁ ଓ 6 ହଜାର 59 ଗୋଷ୍ଠୀ ଉଠା ଜଳସେଚନକୁ ପାଣି ପଞ୍ଚାୟତକୁ ହସ୍ତାନ୍ତରିତ କରାଯାଇଛି । ଏହାବ୍ୟତୀତ ବିଭିନ୍ନ ନାଳରେ ୪ ହଜାର 7 ଶହ 57ଟି ଆଡି ବନ୍ଧ ନିର୍ମାଣ କରାଯାଇ ଜଳ ସଂରକ୍ଷଣକରି ଅତିରିକ୍ତ ଅଞ୍ଚଳରେ ଜଳସେଚନ ସଂପ୍ରସାରଣ କରାଯାଇଛି ।

2019-20 ଆର୍ଥିକ ବର୍ଷପାଇଁ ଆମେ ଉପର ଇନ୍ଦ୍ରାବତୀ ଉଠା କେନାଲ, 46 ଟି ସର୍ବ ବୃହତ ଉଠା ଜଳସେଚନ ପ୍ରକଳ୍ପ, 20 ହଜାର ଗଭୀର ନଳକୂପ, 1 ହଜାର ଗୋଷ୍ଠୀ ଉଠା ଜଳସେଚନ ବ୍ୟବସ୍ଥା, 2 ହଜାରଟି ଆଡିବନ୍ଧ ସଂପୂର୍ଣ୍ଣ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ  କରିଛୁ । ଏସବୁ କାର୍ଯ୍ୟ ସଂପୂର୍ଣ୍ଣ ହେଲେ 2 ଲକ୍ଷ୍ୟ 65 ହଜାର ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ସମ୍ଭବ ହୋଇପାରିବ ।

## ରେଳବାଇ ପ୍ରକଳ୍ପରେ ଆର୍ଥିକ ବିନିଯୋଗ

ନୂଆ ରେଳ ଲାଇନର ନିର୍ମାଣପାଇଁ ରାଜ୍ୟ ସରକାର Special Purpose Vehicle (SPV) ର ପ୍ରତିଷ୍ଠାପାଇଁ ଆର୍ଥିକ ଅନୁଦାନ ଯୋଗାଇ ଆସୁଛନ୍ତି । ନୂଆ ରେଳଲାଇନ ପ୍ରକଳ୍ପ ନିମନ୍ତେ ରାଜ୍ୟ ସରକାରଙ୍କ ଅଂଶଦାନ ସହିତ ବିନାମୂଲ୍ୟରେ ଆବଶ୍ୟକୀୟ ଜମି ଯୋଗାଇ ଦିଆଯାଉଛି । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ଯଥା : ଖୋର୍ଦ୍ଧା ରୋଡ-ବଲାଙ୍ଗିର, ତାଳଚେର-ବିମଳାଗଡ, ହରିଦାସପୁର-ପାରାଦ୍ୱୀପ ଏବଂ ଅନୁଗୁଳ-ସୁକିନ୍ଦାର କାର୍ଯ୍ୟ ଚାଲୁ ରହିଛି ।

## ଶିଳ୍ପରେ ଆର୍ଥିକ ବିନିଯୋଗ

ରାଜ୍ୟ ସରକାର ଶିଳ୍ପଗୁଡିକୁ ଆର୍ଥିକ ଦୃଷ୍ଟିରୁ ସ୍ୱୟଂସମ୍ପୂର୍ଣ୍ଣ କରିବାପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି । 2018 ମସିହାରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ Make in Odisha Conclave ରେ ଶିଳ୍ପୋଦ୍ୟୋଗୀ ମାନଙ୍କର ଉଚ୍ଛ୍ୱସିତ ଓ ବହୁ ସଂଖ୍ୟାରେ ଯୋଗଦାନ ହେତୁ 4 ଲକ୍ଷ 20 ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ନିମନ୍ତେ ଆଗ୍ରହ ପ୍ରକାଶ ପାଇଛି ଯାହା ଦ୍ୱାରା 5 ଲକ୍ଷ 91 ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହା ରାଜ୍ୟ ସରକାରଙ୍କର ନିଷ୍ଠାପର ଉଦ୍ୟମର ପ୍ରମାଣ ବହନ କରେ । Make in Odisha Conclave ରେ ଆର୍ଥିକ ବିନିଯୋଗପାଇଁ ଆଗ୍ରହ ପ୍ରକାଶ କରିଥିବା ଶିଳ୍ପଗୁଡିକୁ ତ୍ୱରିତ ଗତିରେ ସଫଳତାର ସହ କାର୍ଯ୍ୟକାରୀ କରିବାପାଇଁ 2019-20 ରେ ରାଜ୍ୟ ସରକାର ତାଙ୍କ ଉଦ୍ୟମକୁ ବହୁଗୁଣିତ କରିବେ । ବ୍ୟବସାୟିକ ସଂସ୍କାର ଓ ଉପଯୁକ୍ତ ଶିଳ୍ପ ଭିତ୍ତିଭୂମିର ସୃଷ୍ଟି, ଶିଳ୍ପ ପରିଚାଳନାଗତ ଖର୍ଚ୍ଚକୁ ସୀମିତ କରିବାପାଇଁ ସହାୟକ ହେବ ।

**ସହରାଞ୍ଚଳ ଉନ୍ନୟନ**

ସହରାଞ୍ଚଳରେ ବାସ କରୁଥିବା ଭୂମିହୀନ ଓ ଗରିବ ଲୋକମାନଙ୍କ ନିମନ୍ତେ ସରକାର ପ୍ରାଧାନ୍ୟ ଦେଇଆସୁଛନ୍ତି ଓ ଏଥିନିମନ୍ତେ "ଓଡିଶା ବସ୍ତି ବାସିନ୍ଦାଙ୍କ ଭୂମି ଅଧିକାର ଅଧିନିୟମ-2017" ନାମରେ ଏକ ଐତିହାସିକ ବିଧେୟକ ପାରିତ କରି ଓଡିଶାର ସମସ୍ତ ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସକରୁଥିବା ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ କରିଛନ୍ତି । "ଜାଗା ମିଶନ" (JAGA) ଅଧିନରେ ଆମେ 13 ହଜାର ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରିଛୁ ଏବଂ ଏହି ଆଇନ ଅନୁଯାୟୀ ଆମେ ପ୍ରତ୍ୟେକ ଯୋଗ୍ୟ ଓ ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ନିଜନିଜ ବାସ କରୁଥିବା ବସ୍ତିରେ ମାର୍ଚ୍ଚ 2019 ସୁଦ୍ଧା ଭୂମି ଅଧିକାର ଦେବାର ବ୍ୟବସ୍ଥା କରିବୁ । ସମସ୍ତ ସ୍ଥାନୀୟ ନିକାୟ ସଂସ୍ଥା(ULBs)ରେ କମ୍ ବିଦ୍ୟୁତ୍ ଉପଯୋଗ କରୁଥିବା Smart LED Street Light ଲଗାଇବା ପାଇଁ ସ୍ଥିର ହୋଇଛି । ସହରାଞ୍ଚଳର ଭିତ୍ତିଭୂମିର ଅଭାବକୁ ଦୂର କରିବା ପାଇଁ ଆମ ସରକାର ବିଭିନ୍ନ ଯୋଜନାର ସଂଯୋଗୀକରଣ କରି "ଉନ୍ନତି" (UNNATI) ନାମକ ଏକ ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନାରେ ଏ ଯାବତ୍ 1 ହଜାର 17 ଶହ 31 ଟି ପ୍ରକଳ୍ପ କାର୍ଯ୍ୟକାରି ହୋଇଛି ।

**ଶ୍ରୀମନ୍ଦିର**

ଶ୍ରୀଜଗନ୍ନାଥ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ନିମନ୍ତେ "ଅବଢା" (ABADHA) ଯୋଜନା ଏ ବର୍ଷ ଚାଲୁ ରହିବ । ଏଯାବତ ଏଥିପାଇଁ 90 କୋଟି ଟଙ୍କା ଯୋଗାଇ  ଦିଆଯାଇଛି । ଏତଦ୍‌ବ୍ୟତୀତ ଶ୍ରୀମନ୍ଦିର ପ୍ରଶାସନ

ଦ୍ୱାରା ସମ୍ପାଦିତ ବିଭିନ୍ନ ଉନ୍ନୟନ ଯୋଜନା ନିମନ୍ତେ 5 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

7. ପଞ୍ଚଦଶ ବିଧାନସଭାର ଅବଧି ଅଳ୍ପ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ଏବଂ ସାଧାରଣ ନିର୍ବାଚନ ହେବ । ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ବାଚନ ତାରିଖ ଘୋଷଣା ହେବା ସଙ୍ଗେ ସଙ୍ଗେ ଆଦର୍ଶ ଆଚରଣ ବିଧି ଲାଗୁହେବ । ପରମ୍ପରା କ୍ରମେ ନୂତନ ସରକାରଙ୍କ ନୂତନ କାର୍ଯ୍ୟକ୍ରମ ଏବଂ ନୂତନ ଯୋଜନା ଘୋଷଣା କରିବାର ଅଧିକାର ଅଛି । ଏଣୁ ଆମ ସରକାର 2019-20 ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଆଗତ କରିବା ପରିବର୍ତ୍ତେ ଆର୍ଥିକ ବର୍ଷର ପ୍ରଥମ ଚାରିମାସ ପାଇଁ ଚାଲୁ ରହିଥିବା ଯୋଜନା ଓ କାର୍ଯ୍ୟକ୍ରମ ତଥା ପ୍ରତିଷ୍ଠାନ ବ୍ୟୟ ନିମନ୍ତେ ଲେଖାନୁଦାନ ଆଗତ କରିବାପାଇଁ ପ୍ରସ୍ତାବ ଦେଉଅଛନ୍ତି ।

8. ମୁଁ 2019-20 ଆର୍ଥିକ ବର୍ଷର ବଜେଟ୍ ଆକଳନ ଓ ଲେଖାନୁଦାନ ଉପସ୍ଥାପନ କରିବା ପୂର୍ବରୁ ପ୍ରଥମେ ଚଳିତ ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଉପରେ ସୂଚନା ପ୍ରଦାନ କରୁଛି ।

9. 2018-19 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଅନୁସାରେ ସଂଗଠିତ ପାଣ୍ଠିରେ ବ୍ୟୟ 1 ଲକ୍ଷ 20 ହଜାର 125 କୋଟି ଟଙ୍କା ଅଟେ । ମୋଟ ରାଜସ୍ୱ ପ୍ରାପ୍ତି ଏବଂ ରାଜସ୍ୱ ବ୍ୟୟ ଯଥାକ୍ରମେ 1 ଲକ୍ଷ 1 ହଜାର 8 ଶହ 83 କୋଟି ଟଙ୍କା ଏବଂ 91 ହଜାର 3 ଶହ 28 କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ସୁତରାଂ, 2018-19 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଅନୁସାରେ ରାଜସ୍ୱ ବଳକା 10 ହଜାର 5 ଶହ 55 କୋଟି ଟଙ୍କା ହେବ । ବିତ୍ତୀୟ ନିଅଣ୍ଟ 13 ହଜାର 9 ଶହ 35 କୋଟି ଟଙ୍କା ମଧ୍ୟରେ ସୀମିତ ହେବ

ବୋଲି ଆକଳିତ ହୋଇଛି; ଏହା ସାମଗ୍ରିକ ଘରୋଇ ଉତ୍ପାଦ (GSDP)ର 2.9 ପ୍ରତିଶତ ହେବ ।

10. ଆପଣମାନେ ଜାଣନ୍ତି ଯେ ଇତିମଧ୍ୟରେ କେନ୍ଦ୍ର ସରକାର ମଧ୍ୟବର୍ତ୍ତୀ କାଳୀନ ବଜେଟ ଆଗତ କରିଛନ୍ତି । 2019-20 ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ରୀୟ ମଧ୍ୟବର୍ତ୍ତୀ କାଳୀନ ବଜେଟ ଅନୁଯାୟୀ କେନ୍ଦ୍ରୀୟ ଟିକସ ଅଂଶ ଓ କେନ୍ଦ୍ରୀୟ ସହାୟତାର ପରିମାଣ ଆଧାରରେ ରାଜ୍ୟର ରାଜସ୍ୱ ଆକଳନ କରାଯାଇଛି ଓ ଉକ୍ତ ଆଧାରରେ ବିଭିନ୍ନ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଓ କେନ୍ଦ୍ରୀୟ ଯୋଜନା ନିମନ୍ତେ ସହାୟତା ଅନୁଦାନ ନିର୍ଦ୍ଧାରଣ କରାଯାଇଛି ।

11. 2019-20 ଆର୍ଥିକ ବର୍ଷରେ ଦରମା 25 ହଜାର 5 ଶହ କୋଟି ଟଙ୍କା, ପେନସନ୍ 13 ହଜାର 3 ଶହ କୋଟି ଟଙ୍କା, ସୁଧଦେୟ 6 ହଜାର 5 ଶହ କୋଟି ଟଙ୍କା ଏବଂ ପୁଞ୍ଜି ସମ୍ପତ୍ତି ପରିଚାଳନା ପାଇଁ 4 ହଜାର 8 ଶହ 80 କୋଟି ଟଙ୍କାକୁ ମିଶାଇ ମୋଟ ପ୍ରଶାସନିକ ବ୍ୟୟ 58 ହଜାର 1 ଶହ 70 କୋଟି ଟଙ୍କା ହେବ ବୋଲି ଆକଳିତ ହୋଇଛି ।

12. 2019-20 ଆର୍ଥିକ ବର୍ଷରେ କାର୍ଯ୍ୟକ୍ରମ ବ୍ୟୟ 70 ହଜାର କୋଟି ଟଙ୍କା ହେବ । ଏଥିରେ ସରକାରୀ କ୍ଷେତ୍ର ଓ ସରକାରୀ ଉଦ୍ୟୋଗ ପାଇଁ ଯଥାକ୍ରମେ 66 ହଜାର କୋଟି ଟଙ୍କା ଓ 4 ହଜାର କୋଟି ଟଙ୍କା ଅନ୍ତର୍ଭୁକ୍ତ ।

13. ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ବ୍ୟୟ ଅଟକଳ 2 ହଜାର କୋଟି ଟଙ୍କା ହେବ । ଏହାବାଦ୍ ରାଜ୍ୟ ଅର୍ଥରୁ ସ୍ଥାନୀୟ ନିକାୟ ସଂସ୍ଥା ଏବଂ ଉନ୍ନୟନ ସଂସ୍ଥାମାନଙ୍କୁ 6 ହଜାର 4 ଶହ 90 କୋଟି ଟଙ୍କା ହସ୍ତାନ୍ତରିତ ହେବ ।

14. ଏହିପରି 2019-20 ଆର୍ଥିକ ବର୍ଷରେ ମୋଟ ବ୍ୟୟ ଅଟକଳ 1 ଲକ୍ଷ 32 ହଜାର 6 ଶହ 60 କୋଟି ଟଙ୍କା । ଆର୍ଥିକ ବର୍ଷ 2019-20ରେ ପୁଞ୍ଜି ଖର୍ଚ୍ଚ 23 ହଜାର 7 ଶହ 84 କୋଟି ଟଙ୍କା ଆକଳନ କରାଯାଇଛି; ଯାହା ସାମଗ୍ରିକ ଘରୋଇ ଉତ୍ପାଦର 4.4 ପ୍ରତିଶତ । ଏତଦ୍‌ବ୍ୟତୀତ ଋଣ ଓ ଅଗ୍ରୀମ, ପୁଞ୍ଜି ସମ୍ପତ୍ତି ନିର୍ମାଣ ପାଇଁ ଅନୁଦାନ ଏବଂ ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ମୋଟ ବ୍ୟୟବରାଦ ପ୍ରାୟ 10 ହଜାର କୋଟି ଟଙ୍କା ଅଟେ; ଯାହା ସାମଗ୍ରିକ ଘରୋଇ ଉତ୍ପାଦର 2 ପ୍ରତିଶତ ।

15. 2019-20 ଆର୍ଥିକ ବର୍ଷ ପାଇଁ ରାଜସ୍ୱ ପ୍ରାପ୍ତି 1ଲକ୍ଷ 10 ହଜାର 7 ଶହ 10 କୋଟି ଟଙ୍କା ହେବାର ଆକଳନ କରାଯାଇଛି । ଆକଳନ ଅନୁଯାୟୀ ଏହି ବର୍ଷ ରାଜସ୍ୱ ବ୍ୟୟ 1 ଲକ୍ଷ 2 ହଜାର 2 ଶହ 27 କୋଟି ଟଙ୍କା ହେବ । ଏହି ବର୍ଷ ନିମନ୍ତେ ରାଜସ୍ୱ ବଳକା 8 ହଜାର 4 ଶହ 33 କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି; ଯାହା ସାମଗ୍ରିକ ଘରୋଇ ଉତ୍ପାଦର 1.6 ପ୍ରତିଶତ ଅଟେ । ଏଣୁ 2019-20 ନିମନ୍ତେ ବିତ୍ତୀୟ ନିଅଣ୍ଟ 16 ହଜାର 1 ଶହ 93 କୋଟି ହେବ ବୋଲି ଆକଳନ କରାଯାଇଛି ଯାହା ସାମଗ୍ରିକ ଘରୋଇ ଉତ୍ପାଦର 3 ପ୍ରତିଶତ ଅଟେ ।

16. ମାନ୍ୟବର ରାଜ୍ୟପାଳ ତାଙ୍କ ଅଭିଭାଷଣରେ ରାଜ୍ୟର ପ୍ରମୁଖ ସଫଳତା ବିଷୟରେ ଉଲ୍ଲେଖ କରିବା ସହ ଆଗାମୀ ବର୍ଷର ପ୍ରସ୍ତାବିତ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଛନ୍ତି । ଏଣୁ ମୁଁ ସେଗୁଡିକ ଦୋହରାଇ ଆଉ ଆପଣମାନଙ୍କୁ ଭାରାକ୍ରାନ୍ତ କରିବାକୁ ଚାହୁଁନାହିଁ ।

17. ସୀମିତ ସମ୍ବଳ ମଧ୍ୟରେ ଆମେ ବିଭିନ୍ନ ଯୋଜନା ଏବଂ ଚାଲୁ ରହିଥିବା କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ ବ୍ୟୟବରାଦ କରିବାରେ ସମର୍ଥ ହୋଇଛୁ ।

ବିଭିନ୍ନ ମୁଖ୍ୟ ଯୋଜନା ଓ ଚାଲୁରହିଥିବା କାର୍ଯ୍ୟକ୍ରମର ଏକ ସ୍ଥୁଳ ଚିତ୍ର ଉପସ୍ଥାପନ କରୁଛି ।

| | |
|---|---|
| କୃଷକ ମାନଙ୍କର କଲ୍ୟାଣ - କାଳିଆ | ₹4461 କୋଟି |
| କୃଷି ଋଣରେ ସୁଧ ରିହାତି | ₹800 କୋଟି |
| ଆମ ଗାଁ ଆମ ବିକାଶ – ପିଠା | ₹400 କୋଟି |
| ଗ୍ରାମୀଣ ଜଳ ଯୋଗାଣ– ବସୁଧା | ₹2935 କୋଟି |
| ମଧୁବାବୁ ପେନ୍‌ସନ୍ ଯୋଜନା | ₹2120 କୋଟି |
| ମିଶନ ଶକ୍ତି | ₹301 କୋଟି |
| ମମତା | ₹305 କୋଟି |
| ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା | ₹864 କୋଟି |
| ଗୋପବନ୍ଧୁ ଗ୍ରାମୀଣ ଯୋଜନା | ₹500 କୋଟି |
| ବିଜୁ ଯୁବ ବାହିନୀ | ₹105 କୋଟି |
| ପାର୍ବତୀ ଗିରି ବୃହତ୍ ଉଠାଜଳସେଚନ | ₹1777 କୋଟି |
| ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ | ₹1465 କୋଟି |
| ସଡକ ଉନ୍ନୟନ କାର୍ଯ୍ୟକ୍ରମ | ₹1300 କୋଟି |
| କେ.ଜି. ପିଛା 1 ଟଙ୍କା ହାରରେ ଚାଉଳ ଯୋଗାଣ | ₹1028 କୋଟି |
| ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀମାନଙ୍କୁ ପ୍ରାକ୍ ମାଟ୍ରିକ ଓ ମାଟ୍ରିକ ପରବର୍ତ୍ତୀ ବୃତ୍ତି ପ୍ରଦାନ | ₹959 କୋଟି |
| 33/11 କେ. ଭି. ସବ- ଷ୍ଟେସନ | ₹533 କୋଟି |
| ବିଜୁ ସେତୁ ଯୋଜନା | ₹500 କୋଟି |
| ରାଜ୍ୟରେ ରେଳ ପ୍ରକଳ୍ପର ଉନ୍ନତିକରଣ | ₹410 କୋଟି |
| ଉନ୍ନତି | ₹401 କୋଟି |
| ଆଡିବନ୍ଧ ନିର୍ମାଣ | ₹357 କୋଟି |

| | |
|---|---|
| ମୁଖ୍ୟମନ୍ତ୍ରୀ ସଡକ ଯୋଜନା | ₹350 କୋଟି |
| ଓଡିଶା ଆଦର୍ଶ ବିଦ୍ୟାଳୟ | ₹300 କୋଟି |
| ବିହନ ଓ ସାର ପାଇଁ  କର୍ପସ ପାଣ୍ଠି ନିମିତ୍ତ ଅର୍ଥ | ₹260 କୋଟି |
| ଜଳକ୍ଲିଷ୍ଟ ଅଞ୍ଚଳରେ ଭୂତଳ ଜଳ ଉତ୍ତୋଳନ | ₹250 କୋଟି |
| ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରାବାସ ନିର୍ମାଣ | ₹227 କୋଟି |
| କେନାଲ ପ୍ରଣାଳୀର ସୁବ୍ୟବସ୍ଥିତ କାର୍ଯ୍ୟକ୍ରମ | ₹210 କୋଟି |
| ରାଜ୍ୟ ରାଜପଥ ଉନ୍ନୟନ ପ୍ରକଳ୍ପ | ₹200 କୋଟି |
| ରାଜ୍ୟ ରାଜଧାନୀ ଅଞ୍ଚଳରେ ବିଦ୍ୟୁତିକରଣ ସୁବିଧା (SCRIPS) | ₹190 କୋଟି |
| IPR ଅନ୍ତର୍ଗତ ପ୍ରୋତ୍ସାହନ | ₹184 କୋଟି |

18. ଦରମା, ପେନ୍‌ସନ୍, ସୁଧଦେୟ, ଋଣ ପରିଶୋଧ, ରିଲିଫ୍, ବାର୍ଦ୍ଧକ୍ୟ ଭତ୍ତା, ଅନୁସୂଚିତ ଜନଜାତି ଓ ଅନୁସୂଚୀତ ଜାତି ଛାତ୍ରଛାତ୍ରୀଙ୍କ ବୃତ୍ତି, ଚାଲୁରହିଥିବା ଯୋଜନା ଏବଂ କାର୍ଯ୍ୟକ୍ରମ ନିମନ୍ତେ ଖର୍ଚ୍ଚର ଆବଶ୍ୟକତାକୁ ଦୃଷ୍ଟିରେ ରଖି 2019-20 ଆର୍ଥିକ ବର୍ଷର ପ୍ରଥମ ଚାରିମାସ ପାଇଁ 56 ହଜାର 9 ଶହ 21 କୋଟି ଟଙ୍କାର ଲେଖାନୁଦାନ ଏହି ପବିତ୍ର ଗୃହର ଅନୁମୋଦନ ପାଇଁ ପ୍ରସ୍ତାବ ଦିଆଯାଇଛି । ଏହା ପ୍ରାକୃତିକ ବିପର୍ଯ୍ୟୟ ଓ ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ ନିମନ୍ତେ ଶତ ପ୍ରତିଶତ ଏବଂ ଅନ୍ୟାନ୍ୟ ବାର୍ଷିକ ବ୍ୟୟ ଅଟକଳର ଶତକଡା 40 ଭାଗ ପାଇଁ ଉଦ୍ଦିଷ୍ଟ ।

19. ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଆମ ସରକାର ରାଜ୍ୟର ଦୃତ ଉନ୍ନତି ଓ ପ୍ରଗତି ପାଇଁ ବିଗତ 19 ବର୍ଷ ଧରି ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି । ଏହା ସତ୍ତ୍ୱେ ଆମ ସମ୍ମୁଖରେ ଉନ୍ନତି ଓ ପ୍ରଗତି କ୍ଷେତ୍ରରେ ବହୁବିଧ ଆହ୍ୱାନ ରହିଛି । ଇତିମଧ୍ୟରେ ଆମେ ବହୁ ପଥ ଅତିକ୍ରମ କରିଛୁ କିନ୍ତୁ ଦ୍ରୁତ ପ୍ରଗତିଶୀଳ ଓଡିଶାର ବର୍ଦ୍ଧିଷ୍ଣୁ ଉଚ୍ଚାକାଂକ୍ଷା

ଚରିତାର୍ଥ ନିମନ୍ତେ କଠିନ ପରିଶ୍ରମ କରିବାକୁ ପଡିବ । ଓଡିଶାବାସୀଙ୍କର ସ୍ୱପ୍ନ, ସମର୍ଥନ ଏବଂ ନେତୃତ୍ୱ ଆମକୁ ଉପଲବ୍ଧ ସମ୍ବଳର ସୁବିନିଯୋଗ କରି ବିକାଶର ସର୍ବୋଚ୍ଚ ସୀମାରେ ପହଞ୍ଚିବା ପାଇଁ ସାହାଯ୍ୟ କରିବ ।

20. ମୁଁ ପୁଣି ଥରେ ଏହି ପବିତ୍ର ଗୃହର ମାନ୍ୟବର ନେତା, ବିରୋଧୀ ଦଳ ନେତା ଏବଂ ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କୁ ବିଭିନ୍ନ ସମୟରେ ସେମାନଙ୍କର ସଦୟ ସହଯୋଗ, ସୁଚିନ୍ତିତ ମତାମତ ଏବଂ ଅକୁଣ୍ଠିତ ସାହାଯ୍ୟ ପାଇଁ ଆନ୍ତରିକ ଧନ୍ୟବାଦ ଜଣାଉଛି । ମୁଁ ମଧ୍ୟ 2019-20 ଆର୍ଥିକ ବର୍ଷର ଲେଖାନୁଦାନ ଆଗତ ଅବସରରେ ମୋତେ କିଛି କହିବାକୁ ସୁଯୋଗ ପ୍ରଦାନ କରିଥିବାରୁ ମାନ୍ୟବର ବାଚସ୍ପତିଙ୍କୁ ଧନ୍ୟବାଦ ଜଣାଉଛି । ଏହା ପଞ୍ଚଦଶ ବିଧାନସଭାର ଅନ୍ତିମ ଅଧିବେଶନ ଅଟେ । ଏହି ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ବର୍ଗର ଜନସାଧାରଣଙ୍କର ସୁଖ, ସମୃଦ୍ଧି ଓ ମଙ୍ଗଳପାଇଁ ଆମର ଦୃଢ ପ୍ରତିବଦ୍ଧତାକୁ ଦୋହରାଉଛି ।

**ବନ୍ଦେ ଉତ୍କଳ ଜନନୀ**

**॥ ଜୟ ହିନ୍ଦ୍ ॥**